ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/IPR (OD)/78/23-06-2026

# ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୩/୦୬/୨୦୨୬

ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ଜଣେ ପ୍ରତିଷ୍ଠିତ ଭାରତୀୟ ରାଜନେତା, ଶିକ୍ଷାବିତ ଏବଂ ବାରିଷ୍ଟର, ଆଧୁନିକ ଭାରତର ଇତିହାସରେ ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ । ୬ ଜୁଲାଇ ୧୯୦୧ ରେ ପଶ୍ଚିମବଙ୍ଗର କୋଲକାତାରେ ସେ ଜନ୍ମଗ୍ରହଣ କରିଥିଲେ । ସେ ସ୍ୱାଧୀନତା ପୂର୍ବ ଏବଂ ପରବର୍ତ୍ତୀ ଯୁଗରେ ଭାରତର ରାଜନୈତିକ ଏବଂ ଆଦର୍ଶଗତ ଦୃଶ୍ୟପଟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଶ୍ୟାମାପ୍ରସାଦ ଜଣେ ସମ୍ମାନିତ ବିଚାରପତି ଏବଂ ଶିକ୍ଷାବିତ ଆଶୁତୋଷ ମୁଖାର୍ଜୀଙ୍କ ପୁତ୍ର ଥିଲେ । ତାଙ୍କ ପିତାଙ୍କଠାରୁ ଏକ ଦୃଢ଼ ଶିକ୍ଷାଗତ ଏବଂ ଜାତୀୟତାବାଦୀ ମନୋଭାବ ସେ ଉତ୍ତରାଧିକାରୀ ଭାବରେ ପାଇଥିଲେ । ଜଣେ ମେଧାବୀ ଛାତ୍ର ଭାବରେ, ସେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ. ଏବଂ ଏମ୍.ଏ. ସମାପ୍ତ କରିଥିଲେ ଏବଂ ପରେ ବାରିଷ୍ଟର ହେବା ପାଇଁ ଇଂଲଣ୍ଡ ଯାଇଥିଲେ । ତାଙ୍କର ତୀକ୍ଷଣ ବୁଦ୍ଧି ଏବଂ ନେତୃତ୍ୱ ଗୁଣ ତାଙ୍କୁ ଯୁବାବସ୍ଥାରୁ ଏକ ପ୍ରମୁଖ ବ୍ୟକ୍ତି ଭାବେ ପ୍ରତିପାଦିତ କରିଥିଲା ।

ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନୈତିକ ନେତା ନଥିଲେ ବରଂ ଜଣେ ଜାତୀୟତାବାଦୀ ଚିନ୍ତକ ଏବଂ ସଂସ୍କାରକ ଥିଲେ ଯିଏ ଭାରତର ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ଐତିହ୍ୟ ଆମକୁ ମନେ ପକାଇ ଦିଏ ଯେ ଜାତୀୟ ଏକତା, ସାଂସ୍କୃତିକ ଗର୍ବ ଏବଂ ନିର୍ଭୀକ ନେତୃତ୍ୱ ଏକ ରାଷ୍ଟ୍ରର ପ୍ରଗତି ପାଇଁ ଅତ୍ୟାବଶ୍ୟକ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରର ସତ୍‌ସଙ୍ଗ ବିହାରସ୍ଥିତ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ମାନନୀୟର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ, ବିଧାୟକ ଶ୍ରୀ ବାବୁ ସିଂ ଓ ବହୁ ବରିଷ୍ଠ ରାଜନୈତିକ ନେତୃବୃନ୍ଦଙ୍କ ସମେତ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ଗୁରବୀର୍ ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ବହୁ ବରିଷ୍ଠ ଅତିଥି ପ୍ରମୁଖ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବିଭୂତି ନାୟକ
ସୂଚନା ଅଧିକାରୀ